# ସତ୍ୟବାଣୀ

# VOICE OF TRUTH

**NOVEMBER & DECEMBER**
**2001**

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH


**CHURCH OF CHRIST**

P.O. BOX.NO.80, KAKINADA,

A.P. - 533 001.

PH: 0884-363722



**Vol. 6. November & December - 2001 (No.11-12)**


**Published every two months**
**in Oriya Language for the Restoration of pure**
**New Testament Christianity**


Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR

**BIBLE CORRESPONDENCE COURSE**

P.O. BOX.NO.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL VI KAKINADA NOV. - DEC.


## ସୁସମାଚାରରେ ନିହିତ ଆଶୀର୍ବାଦ
## (Blessing of the Gospel)

ସୁସମାଚାରର ଆଜ୍ଞାଗୁଡ଼ିକ ବିଶ୍ୱାସ କରି ଆଜ୍ଞାବହ ହେବା ଦ୍ୱାରା ସେଥିରେ ନିହିତ ଆଶୀର୍ବାଦ ଗୁଡ଼ିକର ସହଭାଗୀ ହୋଇପାରିବା । ପ୍ରେରିତ ପାଉଲ ଲେଖନ୍ତି, ''ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହୁଅନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।'' (ଏଫିସୀ ୧:୩) । ସେ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''ଆଉ ମୁଁ ଜାଣେ, ଯେତେବେଳେ ମୁଁ ତୁମ୍ଭମାନଙ୍କ ନିକଟରେ ଉପସ୍ଥିତ ହେବି ସେତେବେଳେ ଖ୍ରୀଷ୍ଟଙ୍କ ଆଶୀର୍ବାଦର ପୂର୍ଣ୍ଣତାରେ ଉପସ୍ଥିତ ହେବି ।'' (ରୋମୀୟ ୧୫:୨୯)

ସୁସମାଚାରରେ ଅନେକ ଆଶୀର୍ବାଦ ରହିଅଛି । ସେଗୁଡ଼ିକରୁ କେତୋଟି ଏଠାରେ ବର୍ଣ୍ଣନା କରାଯାଇଅଛି :-

(୧) ଖ୍ରୀଷ୍ଟଙ୍କର ସୁସମାଚାରର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ପାପକ୍ଷମା ପାଇଥାଉଁ । ତେଣୁ ସେମାନଙ୍କୁ କହିଲେ, ''ଆପଣମାନେ ମନ ପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । (ପ୍ରେରିତ ୨:୩୮) ବିଶ୍ୱାସ କରି ବାପ୍ତିଜିତ ହେବା ଦ୍ୱାରା (ମାର୍କ ୧୬:୧୬) ଆମ୍ଭେମାନେ ପୁନର୍ଜନ୍ମ ଲାଭ କରୁ । ଆପଣା ଅପରାଧ ସବୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ଧୌତ କରି, ନୂତନ ଜୀବନ ଆରମ୍ଭ କରିବାର ସୁଯୋଗ ପାଇଥାଉଁ ।

(୨) ସୁସମାଚାର ଦ୍ୱାରା ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିଥାଉଁ । ''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ?'' (ରୋମୀୟ ୬:୩)

"କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତି ୩:୨୬,୨୭) "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟ ସବୁ ଲୋପ ପାଇଅଛି । ଦେଖ, ନୂତନ ବିଷୟସବୁ ହୋଇଅଛି ।" (୨ୟ କରିନ୍ଥୀ ୫:୧୭) ସୁସମାଚାରର ଆଜ୍ଞାବହ ହେବା ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ଠାରେ ଥିବା ସମସ୍ତ ଆଶୀର୍ବାଦର ସହଭାଗୀ ହୋଇ ପାରିଥାଉଁ

(୩) ସୁସମାଚାରର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ଶରୀରରେ ଅର୍ଥାତ୍ ତାହାଙ୍କ ମଣ୍ଡଳୀରେ ପ୍ରବେଶ କରିବାକୁ ସୁଯୋଗ ପାଇଥାଉ । କଲସୀ ୧:୧୮ ଓ ଏଫିସୀ ୧:୨୨,୨୩ ପଦଗୁଡ଼ିକରୁ ମଣ୍ଡଳୀ ଖ୍ରୀଷ୍ଟଙ୍କର ଶରୀର ଓ ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ ଅଟନ୍ତି ବୋଲି ଜାଣିପାରିବା । ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ସେହି ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀରେ ପ୍ରବେଶ କରିପାରିଥାଉ । "ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ' ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଆତ୍ମାରୁ ପାନ କରୁଅଛୁ ।" (୧ମ କରିନ୍ଥୀ ୧୨:୧୩) ମଣ୍ଡଳୀ ଜଗତର ସର୍ବୋତ୍ତମ ଅନୁଷ୍ଠାନ । ଏହି ଅନୁଷ୍ଠାନର ଅର୍ଥାତ୍ ଖ୍ରୀଷ୍ଟଙ୍କ ଶରୀର ଏକ ସଭ୍ୟ ହେବା କେତେ ସୌଭାଗ୍ୟର ବିଷୟ !

(୪) ଖ୍ରୀଷ୍ଟିୟାନ ମାନେ ଈଶ୍ୱରଙ୍କ ସନ୍ତାନରୂପେ ପରିଚିତ । "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହା ହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬) "କାରଣ ସେହି ନାମରେ ପରିତ୍ରାଣ ଅଛି । ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।" (ପ୍ରେରିତ ୪:୧୨) ସୁସମାଚାରର ଆଜ୍ଞାବହ ହେବା ଦ୍ୱାରା ସେହି ମହାନ୍ ନାମ ଧାରଣ କରିବା ପାଇଁ ସୁଯୋଗ ପାଇପାରଥାଉଁ ।

(୫) ଖ୍ରୀଷ୍ଟିୟାନ ମାନେ ତାହାଙ୍କୁ ଉପାସନା କରିବାର ସୁଯୋଗ ପାଇଥାନ୍ତି । "କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ । ସେପରି ସମୟ ଆସୁଅଛି ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ ।" (ଯୋହନ ୪:୨୩-୨୪) ତେଣୁକରି ଆମ୍ଭମାନଙ୍କୁ

ସତର୍କ କରାଇ ଲେଖାଯାଏ, ''ଆଉକେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ ।'' (ଏବ୍ରୀ ୧୦:୨୫) ସପ୍ତାହର ପ୍ରଥମ ଦିବସରେ ଈଶ୍ୱରଙ୍କ ସନ୍ତାନ ସ୍ୱରୂପ ତାହାଙ୍କୁ ଉପାସନା କରିବାକୁ ସମ୍ମିଳିତ ହେବା କେତେ ସୌଭାଗ୍ୟର ବିଷୟ ! ଈଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ସମ୍ମିଳିତ ହେବା ନିମନ୍ତେ ଅନେକ ସୌଭାଗ୍ୟ ନ ମଣି, ଭାର ସ୍ୱରୂପ ଅନୁଭବ କରିଥାନ୍ତି । ଯୀଶୁ ନିଜେ କହନ୍ତି, ''କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ' ନାମରେ ଏକତ୍ର ହୁଅନ୍ତି,ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ହେବି ।'' (ମାଥିଉ ୧୮:୨୦) ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିଜ୍ଞାନୁଯାୟୀ ତାହାଙ୍କ ନାମରେ ସମ୍ମିଳିତ ପ୍ରତ୍ୟେକ ସ୍ଥାନରେସେ ଉପସ୍ଥିତ ଥାଆନ୍ତି । ସେହି ସ୍ଥାନରେ ଆମ୍ଭେମାନେ ଉପସ୍ଥିତ ନଥିଲେ, କିପରି ଆଶୀର୍ବାଦ ପ୍ରାପ୍ତ ହୋଇପାରିବା ?

(୭) ଆଦିମ ଖ୍ରୀଷ୍ଟିୟାନମାନେ, ''ପ୍ରେରିତମାନଙ୍କର ଶିକ୍ଷାରେ ସହଭାଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨:୪୨) ଖ୍ରୀଷ୍ଟିୟାନମାନଙ୍କୁ ପରସ୍ପର ସହଭାଗିତାର ଆନନ୍ଦ ଉଠାଇବାର ସୁଯୋଗ ମିଳିଥାଏ । ସାପ୍ତାହିକ ସମ୍ମିଳନର ଏହା ଏକ ମୁଖ୍ୟ ଉଦ୍ଦେଶ୍ୟ ଯେ, ଖ୍ରୀଷ୍ଟିୟାନମାନେ ଏକ ଆରେକକୁ ସାହାଯ୍ୟ ଓ ଉତ୍ସାହ ଦେଇ ପାରନ୍ତି । ସାମୁହିକଭାବେ ଈଶ୍ୱରଙ୍କୁ ଉପାସନା କରିବା, ତଥା କୌଣସି କଠିନ ସମସ୍ୟାର ସମାଧାନ କରିବା କିମ୍ବା କୌଣସି କାର୍ଯ୍ୟରେ ନିମଗ୍ନ ରହିବା କେତେ ଆନନ୍ଦଦାୟକ ବିଷୟ ।

ଈଶ୍ୱରଙ୍କୁ ପ୍ରାର୍ଥନା କରିବାର ସୁଯୋଗ ପାଇଥାଉ । ଈଶ୍ୱର ସମସ୍ତଙ୍କ ପ୍ରାର୍ଥନା ଗ୍ରାହ୍ୟ କରନ୍ତି ନାହିଁ । ଯେପରି କୁହାଯାଏ, ''ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ, ତାହାହେଲେ ସେ ତାହାର କଥା ଶୁଣନ୍ତି ।'' (ଯୋହନ ୯:୩୧) ଅର୍ଥାତ୍ କେବଳ ଈଶ୍ୱରଙ୍କ ସନ୍ତାନମାନେ ହିଁ ତାହାଙ୍କୁ ପ୍ରାର୍ଥନା କରିବାକୁ ସୁଯୋଗ ପାଇଥା'ନ୍ତି । ତାହା କେବଳ ନୁହେଁ, ଆମ୍ଭମାନଙ୍କ ପ୍ରାର୍ଥନା ତାହାଙ୍କ ଇଚ୍ଛାନୁଯାୟୀ ହେବା ଆବଶ୍ୟକ । ଯେପରି ଯୋହନ କହନ୍ତି, ''ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁଯାୟୀ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି ।'' (୧ମ ଯୋହନ ୫:୧୪) ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, ''ଅତଏବ ଆସ, କୃପା ପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭମାନେ ସାହସରେ ଅନୁଗ୍ରହ ପାଇବା ନିମନ୍ତେ

ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉ । (ଏବ୍ରୀ ୪:୧୬) ଆମ୍ଭମାନଙ୍କ ଦୁର୍ଦ୍ଦଶା ସମୟରେ ତାହାଙ୍କ ନିକଟରୁ ପ୍ରାର୍ଥନା ଦ୍ୱାରା ଅନୁଗ୍ରହ ପାଇବାକୁ ସୁଯୋଗ ପାଇଥାଉ ।

(୮) ଖ୍ରୀଷ୍ଟିୟାନମାନଙ୍କୁ ସପ୍ତାହର ପ୍ରଥମ ଦିବସରେ ଯୀଶୁଖ୍ରୀଷ୍ଟଙ୍କ ମରଣ ସ୍ମରଣ କରିବାର ସୁଯୋଗ ମିଳିଥାଏ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ କହନ୍ତି, ''ଯେଉଁ ଆଶୀର୍ବାଦର ପାତ୍ରକୁ ଆମ୍ଭେମାନେ ଆଶୀର୍ବାଦ କରୁ, ତାହାକି ଖ୍ରୀଷ୍ଟଙ୍କ ରକ୍ତର ସହଭାଗିତା ନୁହେଁ ? ଯେଉଁ ରୋଟୀ ଆମ୍ଭେମାନେ ଭାଙ୍ଗୁ, ତାହା କି ଖ୍ରୀଷ୍ଟଙ୍କ ଶରୀରର ସହଭାଗିତା ନୁହେଁ ? (୧ମ କରିନ୍ଥୀ ୧୦:୧୬) ପ୍ରତି ସପ୍ତାହ ତାହାଙ୍କ ମରଣ ସ୍ମରଣ କରି, ତାହାଙ୍କୁ ସମ୍ମାନିତ କରିବାରେ ସୁଯୋଗ ପାଇଥାଉ । ଏତଦ୍ୱାରା ଆମ୍ଭେମାନେ ଆତ୍ମିକ ଜୀବନରେ ଆହୁରି ଅଧିକଭାବେ ବଳବାନ ହୋଇପାରିଥାଉ ।

(୯) ସୁସମାଚାରର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଦାନ ପାଇଥାଉ । ପ୍ରେରିତ ୨:୩୮ ପଦଗୁଡ଼ିକରୁ ଏହି ବିଷୟ ସ୍ପଷ୍ଟ ହୋଇଥାଏ । ତାହାଙ୍କ ବାକ୍ୟର ଆଜ୍ଞାବହ ହେବା ଦ୍ୱାରା ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ସହବାସର ସୌଭାଗ୍ୟ ଆମ୍ଭେମାନେ ଲାଭ କରିଥାଉ ।

(୧୦) ଖ୍ରୀଷ୍ଟିୟାନମାନଙ୍କୁ ଏହି ଜଗତରେ ତାହାଙ୍କ ସାକ୍ଷୀ ସଦୃଶ୍ୟ ଜୀବନଯାପନ କରିବାକୁ ସୁଯୋଗ ପାଇଥାନ୍ତି । ଆଉ ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲସି ୩:୧୭) ଯୀଶୁଖ୍ରୀଷ୍ଟ ଆପଣା ପର୍ବତ ଉପଦେଶରେ କହିଲେ, ''କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ । (ମାଥିଉ ୬:୩୩)

(୧୧) ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସତ୍ୟ ଶିକ୍ଷା ଅନ୍ୟମାନଙ୍କୁ ଶିକ୍ଷା ଦେବାର ଭାର ସମର୍ପଣ କରାଯାଇଅଛି । ଖ୍ରୀଷ୍ଟଯୀଶୁଙ୍କ ବିଷୟ ଅନ୍ୟମାନଙ୍କୁ ଶିକ୍ଷା ଦେଇ, ଖ୍ରୀଷ୍ଟଙ୍କ ନିକଟକୁ ଘେନି ଆସିବା ଓ ସେମାନଙ୍କୁ ଅନନ୍ତ ଜୀବନର ନିର୍ଝରର ସ୍ୱାଦ ଚଖାଇବା କେତେ ଶ୍ରେଷ୍ଠତର ଦାୟିତ୍ୱ ! ଆମ୍ଭମାନଙ୍କର ଏହି ଦାୟିତ୍ୱ ନିର୍ବାହ କରିବା ବେଳେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ସହିତସଦା ସର୍ବଦା ରହିବେ ବୋଲି ପ୍ରତିଜ୍ଞା କରିଅଛନ୍ତି । ଯେପରି ଲେଖାଯାଏ, ''ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷାଦେଇ ସେମାନଙ୍କୁ ଶିଷ୍ୟ କର, ଆଉ

ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦା ସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି (ମାଥିଉ ୨୮:୧୯;୨୮)

(୧୨) ତାହାଙ୍କ ଆଜ୍ଞାପାଳନକାରୀ ପ୍ରତ୍ୟେକଙ୍କୁ ଯୀଶୁଖ୍ରୀଷ୍ଟ ଅନନ୍ତ ଜୀବନରୂପ ମୁକୁଟ ଦେବା ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି, ''ଜୀବନବୃକ୍ଷର ଅଧିକାରୀ ହେବା ନିମନ୍ତେ ଓ ଦ୍ୱାର ଦେଇ ନଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ବସ୍ତ୍ର ଧୌତ କରନ୍ତି, ସେମାନେ ଧନ୍ୟ।'' (ପ୍ରକାଶିତ ୨୨:୧୪) ''ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ।'' (ପ୍ରକାଶିତ ୨:୧୦)

ଏହିସବୁ ବିଶ୍ଳେଷଣରୁ ସୁସମାଚାରରେ ଆମ୍ଭମାନଙ୍କୁ ନିମନ୍ତେ ସଂଚିତ ଆଶୀଷଗୁଡ଼ିକ ଜାଣିପାରିଲୁ । ସୁସମାଚାର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ପାପକ୍ଷମା ପାଇ, ଶାନ୍ତିମୟ ଜୀବନଯାପନ କରିବାକୁ ସୁଯୋଗ ପାଇଥାଉ । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାପାଳନ କରିବା ଦ୍ୱାରା ଆମ୍ଭେମାନେ ଆତ୍ମିକ ଓ ଶାରୀରିକଭାବେ ମଧ୍ୟ ଆଶୀର୍ବାଦ ପାଇଥାଉ ।

**- J.C. Choate**

# ପକ୍ଷ ଗ୍ରହଣ
## (Taking a Stand)

ଆମ୍ଭେ କେଉଁ ପକ୍ଷ ଗ୍ରହଣ କରୁ, ତାହା ଆମ୍ଭମାନଙ୍କ ଅନନ୍ତଜୀବନର ସ୍ଥାନ ନିରୁପଣ କରେ । ଆମ୍ଭମାନଙ୍କ ଆଦି ପିତାମାତାଙ୍କ ସମୟରୁ ଏହି ନିର୍ଣ୍ଣୟର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଆମ୍ଭେମାନେ ବାଇବଲରୁ ପଢ଼ିପାରୁ । ଆଜ୍ଞାବହତା କିମ୍ବା ଅନାଜ୍ଞାବହତା, ଜୀବନ କିମ୍ବା ମୃତ୍ୟୁ ବଶୀଭୂତ କିମ୍ବା ଅବଶୀଭୂତ ହେବା ଆମ୍ଭମାନଙ୍କ ସ୍ୱଇଚ୍ଛା ଉପରେ ନିର୍ଭର କରେ । କିନ୍ତୁ ଆମ୍ଭେମାନେ କୌଣସି ଏକ ନିର୍ଣ୍ଣୟ ନିଶ୍ଚିତଭାବେ ଗ୍ରହଣ କରୁ, ଯାହା କି ଆମ୍ଭମାନଙ୍କ ଜୀବନରେ ପ୍ରତିଫଳିତ ହୁଏ ।

ସୃଷ୍ଟି ଆରମ୍ଭରେ, ''ସଦା ପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନକୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ, ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରିପାର ମାତ୍ର ସଦ୍‌ସଦ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ । ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିମନ୍ତେ ମରିବ ।'' (ଆଦି ୨:୧୫-୧୭)

"ମୁଁ ଆଜି ତୁମ୍ଭମାନଙ୍କ ପ୍ରତିକୂଳରେ ସ୍ୱର୍ଗ ଓ ମର୍ତ୍ତ୍ୟକୁ ସାକ୍ଷୀ କରି କହୁଅଛି ଯେ ମୁଁ ତୁମ୍ଭ ସମ୍ମୁଖରେ ଜୀବନ ଓ ମରଣ, ଆଶୀର୍ବାଦ ଓ ଅଭିଶାପ ରଖିଲି । ଏଥି ନିମନ୍ତେ ତୁମ୍ଭେ ଓ ତୁମ୍ଭର ବଂଶ ଯେପରି ବଞ୍ଚିବ, ଏଥିପାଇଁ ଜୀବନ ମନୋନୀତ କର ଅର୍ଥାତ୍ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ କରିବାକୁ ଓ ତାହାଙ୍କ ରବରେ ଅବଧାନ କରିବାକୁ ଓ ତାହାଙ୍କ ଠାରେ ଆସକ୍ତ ହେବାକୁ (ମନୋନୀତ କର) କାରଣ ସେ ତୁମ୍ଭର ଜୀବନ ଓ ଦୀର୍ଘ ପରମାୟୁ ଅଟନ୍ତି । ତାହା କଲେ ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷ ଅବ୍ରାହମଙ୍କୁ ଓ ଇସ୍‌ହାକଙ୍କୁ ଓ ଯାକୁବଙ୍କୁ ଯେଉଁ ଦେଶ ଦେବା ପାଇଁ ଶପଥ କରିଅଛନ୍ତି, ତହିଁରେ ତୁମ୍ଭେ ବାସ କରିପାରିବ ।" (ଦ୍ୱିତୀୟ ବିବରଣ ୩୦:୧୯-୨୦)

"ଯଦିବା ସଦାପ୍ରଭୁଙ୍କୁ ସେବା କରିବା ତୁମ୍ଭମାନଙ୍କ ଦୃଷ୍ଟିରେ ମନ୍ଦ ଦିଶେ ତେବେ ତୁମ୍ଭେମାନେ କାହାର ସେବା କରିବ ? ତାହା ଆଜି ମନୋନୀତ କର କି ନଦୀ ସେପାରିରେ ତୁମ୍ଭମାନଙ୍କ ପୂର୍ବପୁରୁଷମାନେ ଯେଉଁ ଦେବତାମାନଙ୍କୁ ସେବା କଲେ ସେମାନଙ୍କ କିମ୍ବା ଯେଉଁ ଇମୋରୀୟମାନଙ୍କ ଦେଶରେ ତୁମ୍ଭେମାନେ ବାସ କରୁଅଛ, ସେମାନଙ୍କ ଦେବତାମାନଙ୍କୁ (ସେବା କରିବ, ଏହା ମନୋନୀତ କର) ମାତ୍ର ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କୁ ସେବା କରିବା । (ଯିହୋଶୂୟ ୨୪:୧୫)

"ଏଥି ଉତ୍ତାରେ ଏଲିୟ ସମଗ୍ର ଲୋକଙ୍କ ନିକଟକୁ ଆସି କହିଲେ, ତୁମ୍ଭେମାନେ କେତେ କାଳ ଦୁଇ ମତ ମଧ୍ୟରେ ସନ୍ଦିଗ୍ଧ ହୋଇ ରହିବ ? ସଦାପ୍ରଭୁ ଯେବେ ପରମେଶ୍ୱର ହୁଅନ୍ତି, ତେବେ ତାହାଙ୍କର ଅନୁଗାମୀ ହୁଅ । ଏଥିରେ ଲୋକମାନେ ତାଙ୍କୁ ଗୋଟିଏ କଥା ଉତ୍ତର ଦେଲେ ନାହିଁ ।" (୧ମ ରାଜାବଳି ୧୮:୨୧)

"କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇପାରେ ନାହିଁ, କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟଜଣକୁ ପ୍ରେମ କରିବ ଅଥବା ଜଣଙ୍କ ପ୍ରତି ଅନୁରକ୍ତ ହେବ ଓ ଅନ୍ୟଜଣକୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ ଉଭୟର ଦାସ ହୋଇପାର ନାହିଁ ।" (ମାଥିଉ ୬:୨୪)

ତାହାଙ୍କ ଅନୁଗାମୀ ହେବାକୁ ପ୍ରସ୍ତୁତ ଲୋକମାନଙ୍କୁ ଯୀଶୁ କହନ୍ତି, "ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ ।" (ଲୂକ ୯:୬୨) ଆମ୍ଭ ମଣ୍ଡଳୀମାନଙ୍କୁ କହନ୍ତି, "ଏଣୁ ତୁମ୍ଭେ ଶୀତଳ କି ଉଷ୍ଣ ନ ହୋଇ ଈଷଦୁଷ୍ଣ ହେବାକୁ ଆମ୍ଭେ ତୁମ୍ଭକୁ ଆପଣା ମୁଖରୁ ଉଦ୍‌ଗାର କରିବାକୁ ଯାଉଅଛୁ ।" (ପ୍ରକାଶିତ ୩:୧୬)

ଆଦି ପୁସ୍ତକରୁ ପ୍ରକାଶିତ ବାକ୍ୟ ପର୍ଯ୍ୟନ୍ତ ଆମ୍ଭେମାନେ କୌଣସି ଏକ ପକ୍ଷ ଗ୍ରହଣ କରିବା ନିମନ୍ତେ ସଚେତିତ ହେଉଅଛୁ । ଆପଣା ନିର୍ଣ୍ଣୟ ପ୍ରକଟିତ କର । ପ୍ରଭୁଙ୍କ ପକ୍ଷ ଗ୍ରହଣ କର ।

ମାନବର ସଚ୍ଚୋଟ ପଣିଆ ଯୀଶୁଖ୍ରୀଷ୍ଟଙ୍କ ପକ୍ଷ ନେବାକୁ ଆମ୍ଭମାନଙ୍କୁ ବାଧ୍ୟ କରେ । କାରଣ ଆମ୍ଭେମାନେ ଦୁଇ ପ୍ରଭୁଙ୍କ ଦାସ ହୋଇନପାରୁ ।

ବାପ୍ତିସ୍ମରେ ଆଜ୍ଞାବହତାରେ ଆମ୍ଭେମାନେ ପାପରୁ ମୁକ୍ତ ହୋଇ ପରିତ୍ରାଣ ପାଉ । ବାପ୍ତିଜିତ ହେବା ସମୟରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ଜୀବନଯାପନ କରିବା ନିମନ୍ତେ ଶପଥ ନେଇଥାଉ । ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସରେ ଆମ୍ଭେମାନେ ଅଟଳ ହୋଇ ରହୁ ।

''ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭମାନଙ୍କୁ ବଶରେ ଚଳାଉଥିବାରୁ ଆମ୍ଭେମାନେ ଆମ୍ଭମାନଙ୍କ ମଧ୍ୟରେ ଥିବା ବିଶ୍ୱାସ ପ୍ରକଟିତ କରୁ ।'' (୨ୟ କରିନ୍ଥୀ ୫:୧୪) ସୁସମାଚାର ନିମନ୍ତେ ଆମ୍ଭେମାନେ ଆପଣା ଆପଣାକୁ ସମର୍ପିତ କରୁ । ଜଣେ ବିନା ପ୍ରେମରେ ଦାନ ଦେଇପାରେ କିନ୍ତୁ ଦାନ ବିନୁ ପ୍ରେମ ମୂଲ୍ୟହୀନ । ପରମେଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ । ତାହାଙ୍କ ପ୍ରେମ ବଦଳେ ଆମ୍ଭେମାନେ ଆମ୍ଭମାନଙ୍କ ହୃଦୟ, ମନ, ସମୟ, ଧନ, କଳା ତାହାଙ୍କୁ ଅର୍ପଣ କରୁ ।

ଆମ୍ଭେମାନେ ଏହିପରିଭାବେ ଆପଣା ସର୍ବସ୍ୱ ତାହାଙ୍କୁ ଅର୍ପଣ କରିବା, ଆମ୍ଭେମାନେ ଜୟ ପ୍ରଭୁଯୀଶୁଙ୍କ ପକ୍ଷ ଗ୍ରହଣ କରିଅଛୁ । ଏ ବିଷୟ ଜଗତ ଜ୍ଞାତ ହେବ ।

**- Tom Kelton**

# ବିଶ୍ୱସ୍ତ ଥାଅ

## (Be thou faithful)

ଏବ୍ରୀ ପୁସ୍ତକ କର୍ତ୍ତା, ଦଶମ ଅଧ୍ୟାୟ ଓ ୩୧ତମ ପଦରେ କହନ୍ତି, ''ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ ।'' ଯେଉଁମାନେ ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ପ୍ରସ୍ତୁତ ନୁହଁନ୍ତି ସେମାନଙ୍କ ନିମନ୍ତେ ବିଚାର ନିଶ୍ଚୟ ଭୟଙ୍କର ବିଷୟ ? ଯେଉଁମାନେ ପ୍ରଭୁଙ୍କ ପଥରେ କିଛି ଦୂର ଚାଲି ଅବିଶ୍ୱସ୍ତ ଜୀବନଯାପନ କରୁଅଛନ୍ତି ସେମାନଙ୍କ ନିମନ୍ତେ ମଧ୍ୟ ପ୍ରଭୁଙ୍କ ବିଚାର ଭୟଙ୍କର ବିଷୟ ।

ଧୈର୍ଯ୍ୟଶୀଳ ହୋଇ ତାହାଙ୍କ ଇଚ୍ଛା ସାଧନ କଲେ ଉପଯୁକ୍ତ ସମୟରେ ପ୍ରତିଫଳ ପାଇପାରିବା ।'' (ଏବ୍ରୀ ୧୦:୩୧) ଆତ୍ମିକ ବିଷୟ ଠାରୁ ସାଂସାରିକ ବିଷୟରେ ଅଧିକ

ମନୋଯୋଗୀ ହେବାର ମନୁଷ୍ୟ ଆତ୍ମିକ ଜୀବନ ଅବହେଳା କରୁଥାଏ । ପ୍ରାର୍ଥନାରେ ଅବହେଳା ବାଇବଲ ବାକ୍ୟରେ ଅବହେଳା ଓ ଉପାସନାରେ ଯୋଗଦାନ କରିବାରେ ଅବହେଳା ଆମ୍ଭମାନଙ୍କ ଜୀବନ ଦୁର୍ଦ୍ଦଶାଗ୍ରସ୍ତ କରେ । "ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ । ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।" (ପ୍ରକାଶିତ ୨:୧୦) ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ, ପୁନଃର୍ବାର ତାହାଙ୍କ ଠାରୁ ବିମୁଖ ହେବା ଖ୍ରୀଷ୍ଟିୟାନ ମାନଙ୍କ ବିଷୟରେ ବାକ୍ୟ କହେ, "..........ଯେ ଈଶ୍ୱରଙ୍କ ପୁତ୍ରକୁ ପଦ ଦଳିତ କରିଅଛି, ନିୟମର ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରୀକୃତ ହୋଇଥିଲା, ତାହାକୁ ସାମାନ୍ୟ ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି । ସେ କେତେ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନ ହେବ ।" (ଏବ୍ରୀ ୧୦:୩୧) "ଆମ୍ଭର ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ବଞ୍ଚିବ କିନ୍ତୁ ଯଦି କେହି ପଶ୍ଚାତ୍‌ପଦ ହୁଏ, ତାହାହେଲେ ଆମ୍ଭର ଆତ୍ମା ତାହାଠାରେ ସନ୍ତୁଷ୍ଟ ନୁହେଁ ।" (ଏବ୍ରୀ ୧୦:୩୮)

ଜାଗ୍ରତ ଥାଇ ତାହାଙ୍କ ସନ୍ତୋଷଜନକ ଜୀବନଯାପନ କରି ତାହାଙ୍କ ଆଗମନରେ ତାହାଙ୍କୁ ସାକ୍ଷାତ କରିବାରେ ପ୍ରସ୍ତୁତ ହେଉ । ସ୍ୱର୍ଗ ଆମର ନିତ୍ୟ ନିବାସସ୍ଥଳ । ସେଠାରେ ପହଞ୍ଚିବା ନିମନ୍ତେ ଜାଗ୍ରତ ଓ ସୁପ୍ରସ୍ତୁତ ହେଉ ।

**- Dale Grissom**

# ପରମେଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟସ୍ଥ ଯୀଶୁଖ୍ରୀଷ୍ଟ

## (Jesus Christ, Mediator between God and Man)

"ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁ, ଜଣେ ମନୁଷ୍ୟ..............।" (୧ମ ତୀମଥି ୨:୫)

ପାପରେ ପତିତ ପ୍ରଥମ ମନୁଷ୍ୟ ଆଦମ, ପରମେଶ୍ୱରଙ୍କ ସହଭାଗିତା ହରାଇ ଏଦନ ଉଦ୍ୟାନରୁ ତାଡ଼ିତ ହେଲେ (ଆଦି ୩) ଯିଶାଇୟ ଭାବବାଦୀ କହନ୍ତି, "ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇ ନାହିଁ ଯେ, ତାହା ପରିତ୍ରାଣ କରିନପାରେ, କିମ୍ବା ତାହାଙ୍କର କର୍ଣ୍ଣ ଭାରି ହୋଇନାହିଁ, ଯେ ତାହା ଶୁଣି ନପାରେ ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱର ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇ ଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।" (ଯିଶାଇୟ ୫୯:୧-୨) ।

ଆଦମଙ୍କ ସଦୃଶ୍ୟ ଆମ୍ଭେମାନେ ମଧ୍ୟ ପାପରେ ପତିତ ହୋଇ, ପରମେଶ୍ୱରଙ୍କ ଅନୁଗ୍ରହରୁ ବଞ୍ଚିତ ହୋଇଅଛୁ ।

ପାଉଲ ଏଫିସୀ ମଣ୍ଡଳୀକୁ କହନ୍ତି, "ସେତେବେଳେ ତୁମ୍ଭେମାନେ ଯେ ଖ୍ରୀଷ୍ଟଙ୍କ ଠାରୁ ପୃଥକ, ଇଶ୍ରାଏଲର ପ୍ରଜାସତ୍ତ୍ୱ ରହିତ, ପ୍ରତିଜ୍ଞାଯୁକ୍ତ ନିୟମରେ ନିରଂଶ, ପୁଣି ଜଗତରେ ଭରସାହୀନ ଓ ଈଶ୍ୱରବିହୀନ ହୋଇଥିଲ ଏହା ସ୍ମରଣ କର ।" (ଏଫିସୀ ୨:୧୨) ଈଶ୍ୱରବିହୀନ, ଈଶ୍ୱରଙ୍କ ଶତ୍ରୁ (ରୋମୀୟ ୫:୧୦) ରୂପେ ଜୀବନଯାପନ କରିବା କେତେ ଶୋଚନୀୟ !" ଆଉ ପୂର୍ବେ ଦୁଷ୍କର୍ମ କରି ତୁମ୍ଭେମାନେ ଈଶ୍ୱରଙ୍କ ଠାରୁ ପୃଥକ ଓ ମନରେ ତାହାଙ୍କର ଶତ୍ରୁ ଥିଲ । (କଲସୀ ୧:୨୧) ମନୁଷ୍ୟକୃତ ପାପ ଯୋଗୁଁ ପରମେଶ୍ୱରଙ୍କ ଶତ୍ରୁ ହେଲା । ଏହି ଶତୃତାର ସମାଧାନ ନିମନ୍ତେ ଯୀଶୁଖ୍ରୀଷ୍ଟ ମଧ୍ୟସ୍ଥ ରୂପେ ମନୋନୀତ ହୋଇଅଛନ୍ତି । ଯୀଶୁଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ମଧ୍ୟସ୍ଥ ନାହାନ୍ତି ବୋଲି ପାଉଲ ତୀମଥିଙ୍କ ନିକଟକୁ ଲିଖିତ ପ୍ରଥମ ପତ୍ର ୨:୫ ପଦରେ ସୁସ୍ପଷ୍ଟ କରନ୍ତି ।"

## ଆମ୍ଭମାନଙ୍କ ପାପ ନିମନ୍ତେ ଖ୍ରୀଷ୍ଟ ଉତ୍ସର୍ଗୀକୃତ ହେଁଲେ :

"ଆମ୍ଭେମାନେ ସମସ୍ତେ ମେଷତୁଲ୍ୟ ବିପଥଗାମୀ ହୋଇଅଛୁ, ଆମ୍ଭେମାନେ ପ୍ରତ୍ୟେକ ଆପଣା ଆପଣା ବାଟଆଡ଼େ ଫେରିଅଛୁ.........." (ଯିଶାଇୟ ୫୩:୬) ପ୍ରତ୍ୟେକ ମନୁଷ୍ୟ ଆଦମ ସଦୃଶ୍ୟ ପାପ କରି ପଥଭ୍ରଷ୍ଟ ହୋଇଅଛନ୍ତି । ପ୍ରତ୍ୟେକ ମନୁଷ୍ୟକୁ ପାପରୁ ପରିତ୍ରାଣ ଆବଶ୍ୟକ । ରୋମୀୟମାନଙ୍କୁ ପାଉଲ କହନ୍ତି, "ସମସ୍ତେ ତ' ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି ।" (ରୋମୀୟ ୩:୨୩) ପାପୀ ମନୁଷ୍ୟ ଆପଣାକୁ ପାପରୁ ମୁକ୍ତ କରି ନପାରେ, ତେଣୁକରି ଈଶ୍ୱରଙ୍କ ଏକମାତ୍ର ପୁତ୍ର ଏହି ଜଗତକୁ ଅବତରଣ କରିଥିଲେ । "ପୁଣି ସେମାନେ ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହରେ, ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଯେଉଁ ମୁକ୍ତି ଅଛି, ତଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି ।" (ରୋମୀୟ ୩:୨୪) ଆମ୍ଭେମାନେ ପାପରେ ବୁଡ଼ି ରହିଥିବା ସମୟରେ, ପରମେଶ୍ୱରଙ୍କ ନିକଟକୁ ଆମ୍ଭମାନଙ୍କୁ ଫେରାଇ ନେଇଥିବା ନିମନ୍ତେ ଖ୍ରୀଷ୍ଟ ଆପଣାକୁ ଉତ୍ସର୍ଗ କଲେ ।

'ପାପର ବେତନ ମୃତ୍ୟୁ' (ରୋମ ୬:୨୩) ଏବଂ ଆମ୍ଭମାନଙ୍କ ପାପର ବେତନ ଖ୍ରୀଷ୍ଟ ଭୋଗିଲେ ।" "............ଈଶ୍ୱରଙ୍କ ଅନୁଗ୍ରହରେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ସେ ମୃତ୍ୟୁ ଆସ୍ୱାଦନ କରନ୍ତି ।" (ଏବ୍ରୀ ୨:୯) ଈଶ୍ୱର ଓ ପାପ ମନୁଷ୍ୟର ସମ୍ମିଳନରେ ଖ୍ରୀଷ୍ଟଙ୍କ ପାତ୍ର ବିଷୟରେ ପାଉଲ କହନ୍ତି, ".................ଜଣେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କରିଥିବାରୁ ସମସ୍ତେ ମୃତ ହେଲେ ..............ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି

ହୋଇଅଛି...............ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ଆମ୍ଭମାନଙ୍କୁ ସମ୍ମିଳିତ କରିଅଛନ୍ତି ...............ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ.........ଯାହାଙ୍କ ଠାରେ ପାପର ଲେଶ ମାତ୍ର ନଥିଲା । ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତା ସ୍ୱରୂପ ହେଉ ।'' (୨ୟ କରିନ୍ଥୀ ୫:୧୪-୨୧) ମଧ୍ୟବର୍ତ୍ତୀତାର ପ୍ରଥମ ପର୍ଯ୍ୟାୟରେଯୀଶୁ ଆପଣାକୁ ମନୁଷ୍ୟର ପାପ ନିମନ୍ତେ ଉତ୍ସର୍ଗ କରିଥିଲେ ।

## ଖ୍ରୀଷ୍ଟ, ଆମ୍ଭମାନଙ୍କ ମହାଯାଜକ ଅଟନ୍ତି :

ଦୁଃଖ, କଷ୍ଟ, ଯନ୍ତ୍ରଣା ଜଡ଼ିତ ଯୀଶୁଖ୍ରୀଷ୍ଟଙ୍କ ଜୀବନର ଉଦ୍ଦେଶ୍ୟ ବିଷୟରେ ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, ''ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ ହେବା ତାହାଙ୍କ ଉଚିତ ଥିଲା, ଯେପରି ସେଲୋକମାନଙ୍କ ପାପର ପ୍ରାୟଶ୍ଚିତ କରିବା ନିମନ୍ତେ ଈଶ୍ୱରଙ୍କ ସେବା ସମ୍ବନ୍ଧରେ ଜଣେ ଦୟାଳୁ ଓ ବିଶ୍ୱସ୍ତ ମହାଯାଜକ ହୁଅନ୍ତି କାରଣ ସେ ନିଜେ ପରୀକ୍ଷିତ ହୋଇ ଦୁଃଖଭୋଗ କରିଥିବାରୁ ପରୀକ୍ଷିତ ହେଉଥିବା ଲୋକମାନଙ୍କ ଉପକାର କରିବା ନିମନ୍ତେ ସକ୍ଷମ ଅଟନ୍ତି ।'' (ଏବ୍ରୀ ୨:୧୭-୧୮) ଆମ୍ଭମାନଙ୍କ ମହାଯାଜକ ଯୀଶୁଖ୍ରୀଷ୍ଟ, ଦୟାଳୁ ଓ କରୁଣାମୟ ଅଟନ୍ତି ତାହାଙ୍କ ମହାଯାଜକତ୍ୱ ବିଷୟରେ ବାକ୍ୟ କହେ, ''ପ୍ରତ୍ୟେକ ମହାଯାଜକ ଯେପରି ପାପ ନିମନ୍ତେ ନୈବେଦ୍ୟ ଓ ବଳି ଉତ୍ସର୍ଗ କରି ପାରନ୍ତି, ସେଥିପାଇଁ ସେ ମନୁଷ୍ୟମାନଙ୍କ ମଧ୍ୟରୁ ନୀତ ହୋଇ ଈଶ୍ୱରଙ୍କ ସେବା ସମ୍ବନ୍ଧରେ ମନୁଷ୍ୟମାନଙ୍କ ପକ୍ଷରେ ନିଯୁକ୍ତ ହୁଅନ୍ତି । (ଏବ୍ରୀ ୫:୧)

ବର୍ଷକୁ ଥରେ ପ୍ରଧାନ ଯାଜକ ମହା ପବିତ୍ର ସ୍ଥାନରେ ପ୍ରବେଶ କରୁଥିଲେ । ଲେଖାଯାଏ, ''ଦ୍ୱିତୀୟ ଭାଗରେ କେବଳ ମହାଯାଜକ ବର୍ଷକୁ ଥରେ ପ୍ରବେଶ କରନ୍ତି, ଆଉ ସେ ଆପଣାର ଓ ଲୋକମାନଙ୍କ ଅଜ୍ଞାନକୃତ ପାପ ନିମନ୍ତେ ଉତ୍ସର୍ଗ କରିବାର ରକ୍ତ ନ ନେଇ ପ୍ରବେଶ କରନ୍ତି ନାହିଁ ।'' (ଏବ୍ରୀ ୯:୭) ପରବର୍ତ୍ତୀ ବାକ୍ୟମାନଙ୍କରେ ଲେଖକ ମହାଯାଜକଙ୍କ ଅନ୍ୟାନ୍ୟ କାମ ବର୍ଣ୍ଣନା କରି କହନ୍ତି, ''ତେବେ ଯେଉଁ ଖ୍ରୀଷ୍ଟ ଚିରନ୍ତନ ଆତ୍ମାଙ୍କ ଦ୍ୱାରା ଆପଣାର ନିଖୁନ୍ତ ବଳିସ୍ୱରୂପ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କଲେ, ତାହାଙ୍କ ରକ୍ତ କେତେ ଅଧିକ ପରିମାଣରେ ଜୀବିତ ଈଶ୍ୱରଙ୍କ ସେବା କରିବା ନିମନ୍ତେ ମୃତ କର୍ମରୁ ଆମ୍ଭମାନଙ୍କ ବିବେକକୁ ଶୁଦ୍ଧ ନ କରିବ ? (ଏବ୍ରୀ ୯:୧୪) ୨୪ ତମ ପଦ ଖ୍ରୀଷ୍ଟଙ୍କ କାର୍ଯ୍ୟ ବିଷୟ ବର୍ଣ୍ଣନା କରି କହେ, ''କାରଣ ପ୍ରକୃତ ବିଷୟର ପ୍ରତିରୂପ ଯେ, ହସ୍ତକୃତ ମହାପବିତ୍ର ସ୍ଥାନ, ସେଥିରେ ଖ୍ରୀଷ୍ଟ ପ୍ରବେଶ ନ କରି ବରଂ ଆମ୍ଭମାନଙ୍କ ନିମନ୍ତେ ଏବେ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହେବା ପାଇଁ ସ୍ୱର୍ଗରେ ପ୍ରବେଶ କରିଅଛନ୍ତି । ଆମ୍ଭମାନଙ୍କ ମହାଯାଜକ ସମସ୍ତ ମନୁଷ୍ୟଜାତିର ପରିତ୍ରାଣ ନିମନ୍ତେ ଏକାଥରେ ଆପଣାକୁ ବଳିରୂପେ ଉତ୍ସର୍ଗ

କଲେ । (ଏବ୍ରୀ ୯:୨୫-୨୮) ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ପବିତ୍ରୀକୃତ ହୋଇ, ତାହାଙ୍କ ଦ୍ୱାରା ଆମ୍ଭେମାନେ ସାହସ, ଓ ପୂର୍ଣ୍ଣ ବିଶ୍ୱାସ ସହିତ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ନିମନ୍ତେ ସୁଯୋଗ ପାଇଅଛୁ ।

## ଖ୍ରୀଷ୍ଟ ଆମ୍ଭମାନଙ୍କ ସପକ୍ଷବାଦୀ ଓ ଉପଦେଶଦାତା :

ପାପ ହେତୁ ଈଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ମନୁଷ୍ୟ, ଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କ ସହିତ ପୁନଃର୍ମିଳନ ହେବାର ସୁଯୋଗ ପାଏ । ଯୋହନ ୧୪:୬ ପଦରେ ଖ୍ରୀଷ୍ଟ କହନ୍ତି, ''ମୁଁ ପଥ, ସତ୍ୟ ଓ ଜୀବନ; ମୋ' ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।'' ଖ୍ରୀଷ୍ଟ ଏକମାତ୍ର ମଧ୍ୟସ୍ଥ ଅଟନ୍ତି । ଏ ବିଷୟରେ ପିତର, ଯିହୂଦୀମାନଙ୍କୁ କହନ୍ତି, ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।'' (ପ୍ରେରିତ ୪:୧୨) ଈଶ୍ୱରଙ୍କ ଠାର ପ୍ରତ୍ୟେକ ଆଶୀଷ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରାପ୍ତ ହେଉ, କାରଣ ସେ ଈଶ୍ୱରିଁ ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଟନ୍ତି ।

## ଖ୍ରୀଷ୍ଟ ଆମ୍ଭମାନଙ୍କ ସପକ୍ଷବାଦୀ ଓ ଉପଦେଶଦାତା :

ପାପ ହେତୁ ଈଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ମନୁଷ୍ୟ, ଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କ ସହିତ ପୁନଃର୍ମିଳିତ ହେବାର ସୁଯୋଗ ପାଏ । ଯୋହନ ୧୪:୬ ପଦରେ ଖ୍ରୀଷ୍ଟ କହନ୍ତି, ''ମୁଁ ପଥ, ସତ୍ୟ ଓ ଜୀବନ; ମୋ' ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।'' ଖ୍ରୀଷ୍ଟ ଏକମାତ୍ର ମଧ୍ୟସ୍ଥ ଅଟନ୍ତି । ଏ ବିଷୟରେ ପିତର, ଯିହୂଦୀମାନଙ୍କୁ କହନ୍ତି, ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।'' (ପ୍ରେରିତ ୪:୧୨) ଈଶ୍ୱରଙ୍କ ଠାରୁ ପ୍ରତ୍ୟେକ ଆଶୀଷ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରାପ୍ତ ହେଉ, କାରଣ ସେ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଟନ୍ତି ।

ନ୍ୟାୟ ବିଚାରରେ ଆମ୍ଭେମାନେ କାହାର ସାହାଯ୍ୟ ଲୋଡ଼ି ଥାଉ ? ପ୍ରେରିତ ଯୋହନ କହନ୍ତି, ''ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନକର, ଏଥି ନିମନ୍ତେ ମୁଁ ଏହିସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି କିନ୍ତୁ କେହି ଯଦି ପାପ କରେ, ତାହା ହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ ।'' (୧ମ ଯୋହନ ୨:୧-୨) ସପକ୍ଷବାଦୀ ଆମ୍ଭମାନଙ୍କ ସପକ୍ଷରେ କଥା କହି, ଆମ୍ଭମାନଙ୍କ ନିମନ୍ତେ ଲୋଡ଼ନ୍ତି । ସେ ଆମ୍ଭମାନଙ୍କ ସଦୃଶ ପରୀକ୍ଷିତ ହୋଇଥିବାରୁ, ଆମ୍ଭମାନଙ୍କ ପାପ ବିଷୟରେ ଜ୍ଞାତ ଅଟନ୍ତି ।''

ଯେ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କ ଏପରି ମହାଯାଜକ ନାହାନ୍ତି, ବରଂ ସେ ପାପ ରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ । (ଏବ୍ରୀ ୪:୧୫) ଈଶ୍ୱରଙ୍କ ସିଂହାସନ ନିକଟରେ ଉପସ୍ଥିତ ଦୟାଳୁ କରୁଣାମୟ ଆମ୍ଭମାନଙ୍କ ଦୁଃଖ, କଷ୍ଟ, ଯନ୍ତ୍ରଣା ଜ୍ଞାତ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ସପକ୍ଷବାଦୀ ଅଟନ୍ତି । ''ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ ହେବା ତାହାଙ୍କର ଉଚିତ ଥିଲା । ଯେପରି ସେ ଲୋକମାନଙ୍କ ପାପର ପ୍ରାୟଶ୍ଚିତ କରିବା ନିମନ୍ତେ ଈଶ୍ୱରଙ୍କ ସେବା ସମ୍ବନ୍ଧରେ ଜଣେ ଦୟାଳୁ ଓ ବିଶ୍ୱସ୍ତ ମହାଯାଜକ ହୁଅନ୍ତି ............ଯେ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କର ଏପରି ମହାଯାଜକ ନାହାନ୍ତି, ବରଂ ସେ ପାପ ରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ ।'' (ଏବ୍ରୀ ୨:୧୭; ୪:୧୫)

## ଖ୍ରୀଷ୍ଟ ଆମ୍ଭମାନଙ୍କ ସାହାଯ୍ୟକାରୀ ଓ ଆମ୍ଭମାନଙ୍କ ବଳ :

ସ୍ୱର୍ଗାରୋହଣ ପୂର୍ବେ ଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ କହିଲେ, ''..........ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।'' (ମାଥିଉ ୨୮:୨୦) ଦୁଃଖ, କଷ୍ଟ, ଯାତନା ଭରା ଏହି ଜାଗତିକ ଜୀବନରେ ଆମ୍ଭେମାନେ ଏକ ବନ୍ଧୁର ସାହାଯ୍ୟ ଆକାଂକ୍ଷା କରୁ । ଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରେମକାରୀ ବନ୍ଧୁ ଅଟନ୍ତି, ସେ ଭାଇ ଅପେକ୍ଷା ଅଧିକ ନିକଟ ଲାଗି ରହନ୍ତି । (ହିତ ୧୮:୨୪) ଅନ୍ୟମାନେ ଆମ୍ଭମାନଙ୍କୁ ପରିତ୍ୟାଗ କଲେ ହେଁ, ସେ କହନ୍ତି, ''...........ଆମ୍ଭେମାନେ ତୁମ୍ଭକୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ ।'' (ଏବ୍ରୀ ୧୩:୫) ପାଉଲଙ୍କ କଷ୍ଟଭରା ଜୀବନ ସାରା ସେ ତାହାଙ୍କ ସହବର୍ତ୍ତୀ ଥିଲେ । ଆମ୍ଭେମାନେ ତାହାଙ୍କ ନିମନ୍ତେ ଜୀବନଯାପନ କରିବା ପର୍ଯ୍ୟନ୍ତ ସେ ଆମ୍ଭମାନଙ୍କ ସହବର୍ତ୍ତୀ ରହିବେ ।

ଆପଣା ଶରୀରରେ ଥିବା କଣ୍ଟକ ନିମନ୍ତେ ପାଉଲଙ୍କର ପ୍ରଭୁଙ୍କ ଠାରେ ପ୍ରାର୍ଥନାର ଉତ୍ତର ସ୍ୱରୂପ ପ୍ରଭୁ କହିଲେ, ''...........ଆମ୍ଭର ଅନୁଗ୍ରହ ତୁମ୍ଭ ନିମନ୍ତେ ଯଥେଷ୍ଟ, କାରଣ ଦୁର୍ବଳତାରେ ଆମ୍ଭର ଶକ୍ତି ସିଦ୍ଧ ହୁଏ ।'' (୨ କରିନ୍ଥୀ ୧୨:୯) ''ଯେତେବେଳେ ମୁଁ ଦୁର୍ବଳ, ସେତେବେଳେ ମୁଁ ବଳବାନ୍ '' (୧୦ମ ପଦ) ପାଉଲଙ୍କ ଏହି ମନୋଭାବ ଆମ୍ଭମାନଙ୍କ ମନୋଭାବ ହେଉ । ଏତଦ୍ୱାରା ପାଉଲଙ୍କ ଏଫିସୀ ୫:୧୬, ୧୭ ପଦରେ ଲିଖିତ ପ୍ରାର୍ଥନା ସଫଳ ହେବ । ଯାହା କହେ, ''ଯେପରି ସେ ଆପଣା ଗୌରବ ରୂପ ନିଧି ଅନୁସାରେ ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କୁ ଆନ୍ତରିକ ପୁରୁଷରେ ଶକ୍ତି ପ୍ରାପ୍ତ ହୋଇ ବଳବାନ ହେବାକୁ ଦିଅନ୍ତି, ପୁଣି ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ହୃଦୟରେ ବାସ କରନ୍ତି ।'' ଆମ୍ଭମାନଙ୍କ ହୃଦୟରେ ବାସ କରୁଥିବା ଖ୍ରୀଷ୍ଟ ଆମ୍ଭମାନଙ୍କୁ ସମସ୍ତ

ପରୀକ୍ଷାରୁ ଧର୍ମଅଧର୍ମ ଠାରୁ ରକ୍ଷା କରିବେ । (ଗୀତ ୧୧୯:୧୧,୧ମ କରିନ୍ଥୀ ୧୦:୧୩) ''ଏହିପ୍ରକାରେ ପ୍ରଭୁ ଧର୍ମପରାୟଣମାନଙ୍କୁ ପରୀକ୍ଷାରୁ ରକ୍ଷା କରିବାକୁ ଜାଣନ୍ତି ।''(୨ ପିତର ୨:୯)

ଆମ୍ଭମାନଙ୍କ ମଧ୍ୟସ୍ଥ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ, ଈଶ୍ୱରଙ୍କ ସହିତ ଚିରନ୍ତନ ଶାନ୍ତିର ଭରସା ପ୍ରାପ୍ତ ହୋଇଅଛୁ । ସେ ଆମ୍ଭମାନଙ୍କ ନିମନ୍ତେ ଉତ୍ସର୍ଗକୃତ ବଳି, ଆମ୍ଭମାନଙ୍କର ପ୍ରଧାନ ଯାଜକ, ଆମ୍ଭମାନଙ୍କ ସପକ୍ଷବାଦୀ ଓ ଆମ୍ଭମାନଙ୍କ ବଳ । ତେଣୁକରି ଆମ୍ଭେମାନେ ପାଉଲଙ୍କ ସଦୃଶ୍ୟ, ''ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ (ଫିଲିପୀ ୪:୧୩) ବୋଲି ସାହସ ସହିତ କହିପାରିବା ।

**- Clem Thurman**

# ପବିତ୍ର ଆତ୍ମା ଓ ଈଶ୍ୱରଙ୍କ ବାକ୍ୟ

## (The Holy Spirit and the Word of God)

ପବିତ୍ର ଆତ୍ମା ଐଶ୍ୱରିକ ଶକ୍ତିର ଏକ ଅଭିନ୍ନ ବ୍ୟକ୍ତିତ୍ୱ । ପ୍ରେରିତ ୫:୩,୪ ପଦରେ ତାହାଙ୍କୁ ଈଶ୍ୱରଙ୍କ ରୂପେ କୁହାଯାଇଅଛି । ପବିତ୍ର ଆତ୍ମା ଐଶ୍ୱରିକତ୍ୱର ତୃତୀୟ ବ୍ୟକ୍ତିତ୍ୱ । ପ୍ରେରିତ ୨:୯, ରୋମୀ ୧:୨୦, କଲସୀ ୨:୯ ପଦରେ ବର୍ଣ୍ଣିତ 'ଈଶ୍ୱରତ୍ୱ'ରେ ପବିତ୍ର ଆତ୍ମା ଅନ୍ତର୍ଭୁକ୍ତ ଅଟନ୍ତି ।

ପ୍ରେରିତ ୨:୪୨ ପଦରେ ଲୂକ ଆଦି ଖ୍ରୀଷ୍ଟିୟାନମାନଙ୍କୁ କହନ୍ତି, ''ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।'' ପ୍ରେରିତମାନଙ୍କ ଶିକ୍ଷା, ଯାହା ଖ୍ରୀଷ୍ଟଙ୍କ ଶିକ୍ଷା ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତମାନଙ୍କୁ ପ୍ରଦତ୍ତ ହୋଇଥିଲା ।

ପ୍ରଭୁଯୀଶୁ ଆପଣା ମୃତ୍ୟୁ ପୂର୍ବେ ପବିତ୍ର ଆତ୍ମାଙ୍କ ପ୍ରେରଣାର ପ୍ରତିଶ୍ରୁତି ଦେଇ କହିଥିଲେ, ''.........ସେହି ସାହାଯ୍ୟକାରୀ ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।'' (ଯୋହନ ୧୪:୨୬) ''କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣା ଠାରୁ କଥା କହିବେ ନାହିଁ ମାତ୍ର ଯାହା ଯାହା ଶୁଣିବେ । ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ ।'' (ଯୋହନ ୧୬:୧୩)

ଏହି ପ୍ରତିଜ୍ଞା ସକଳ ଆତ୍ମମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନଃରୁଥାନ ପରର ପେଣ୍ଟିକଷ୍ଟ ଦିନରେ ସଫଳ ହୋଇଥିଲା । (ଲୂକ ୨୪:୪୬-୩୯), ପ୍ରେରିତ ୧:୮, ୨:୧-୪) ପବିତ୍ର ଆତ୍ମାଙ୍କ ଚାଳନାରେ ପ୍ରେରିତମାନେ ପ୍ରଚାର କରିଥିଲେ ଏବଂ ପତ୍ରଗୁଡ଼ିକ ଲେଖିଥିଲେ । "..........ସେମାନେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।" (ପ୍ରେରିତ ୨:୪) "...........ସେହି ସମସ୍ତ ବିଷୟ ମଧ୍ୟ ଆମ୍ଭେମାନେ ମନୁଷ୍ୟର ଜ୍ଞାନ ଦ୍ୱାରା ଶିକ୍ଷିତ ବାକ୍ୟରେ କହିନଥାଉ, ମାତ୍ର ଆତ୍ମିକ ବିଷୟ ଦ୍ୱାରା ବୁଝାଇ ଆତ୍ମାଙ୍କ ଦ୍ୱାରା ଶିକ୍ଷିତ ବାକ୍ୟରେ କହିଥାଉ ।" (୧ କରିନ୍ଥୀ ୨:୧୩)

'ଗୌରବମୟ ସୁସମାଚାର' ଯାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ଦାୟକ ଶକ୍ତି ଅଟେ, ପବିତ୍ର ଆତ୍ମା କହନ୍ତି, "ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) "ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତି ୩:୨୭) "..........ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।" (ପ୍ରକାଶିତ ୨:୧୦) (ମାଥିଉ ୧୦:୨୨, ୨ ତୀମଥି ୪:୬-୮ ଓ ୨ ପିତର ୧:୫-୧୧ ପଢ଼ନ୍ତୁ)

ପବିତ୍ର ଆତ୍ମାଙ୍କ ଚାଳନରେ ଲିଖିତ ବାକ୍ୟ ଅଗ୍ରାହ୍ୟ କଲେ, ଆମ୍ଭେମାନେ ଅନୁଗ୍ରହର ଆତ୍ମାଙ୍କୁ ଅବମାନନା କରୁ । (ଏବ୍ରୀ ୧୦:୨୯) "ଏଣୁ ନିର୍ବୋଧ ନ ହୋଇ ପ୍ରଭୁଙ୍କର ଇଚ୍ଛା କ'ଣ ତାହା ବୁଝ, ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ' ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଗୀତ, ସ୍ତୋତ୍ର ଓ ଆଧାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର ।" (ଏଫିସୀୟ ୫:୧୭-୧୯)

"ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ, ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର ।" (କଲସୀ ୩:୧୬)

ଉପରୋକ୍ତ ବାକ୍ୟଗୁଡ଼ିକରୁ ପରମେଶ୍ୱରଙ୍କ ବାକ୍ୟ ଆପଣା ହୃଦୟରେ ସଂଚିତ କରିଥିବା ପ୍ରତ୍ୟେକ ବିଶ୍ୱସ୍ତ ଖ୍ରୀଷ୍ଟିୟାନ "ଆତ୍ମାରେ ପୂର୍ଣ୍ଣ" ବୋଲି ସୁସ୍ପଷ୍ଟ ହୁଏ । (ଏଫିସୀ ୫:୧୮)

ପରମେଶ୍ୱରଙ୍କ ବାକ୍ୟ ମାଧ୍ୟମରେ ପରମେଶ୍ୱରଙ୍କ ଆତ୍ମା ପୁନଃର୍ଜନ୍ମ ଦେବାରେ, ସଜୀବ ରହିବାରେ ଏବଂ ଖ୍ରୀଷ୍ଟିୟ ସ୍ୱଭାବ ଅଭିବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଆତ୍ମାଙ୍କ ଦ୍ୱାରା ସାଧିତ ପ୍ରତ୍ୟେକ କାର୍ଯ୍ୟ ତାହାଙ୍କ ବାକ୍ୟ ଦ୍ୱାରା ସାଧିତ ହୁଏ । ଯୀଶୁ କହିଲେ, ''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବା ।'' (ମାଥିଉ ୧୧:୨୯)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ତାହାଙ୍କ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ଅଟନ୍ତି । (ଏବ୍ରୀ ୫:୯) ''..........କିନ୍ତୁ ସେ ନିତ୍ୟସ୍ଥାୟୀ ହେବାରୁ ଅପରିବର୍ତ୍ତନୀୟ ଯାଜକତ୍ୱପ୍ରାପ୍ତ ହୋଇଅଛନ୍ତି । ଅତଏବ ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।'' (ଏବ୍ରୀ ୭:୨୪:୨୫)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ''...........କ ଓ କ୍ଷ, ପ୍ରଥମ ଓ ଶେଷ, ଆଦି ଓ ଅନ୍ତ । .........ଦାଉଦଙ୍କ ମୂଳ ଓ ବଂଶଜ, ସେହି ଉଜ୍ଜ୍ୱଳ ପ୍ରଭାତୀ ତାରା ।'' (ପ୍ରକାଶିତ ୨୨:୧୩, ୧୬) ଯେଉଁମାନେ ତାହାଙ୍କ ଆଜ୍ଞାପାଳନ କରନ୍ତି ଓ ଆପଣା ଆପଣା ବସ୍ତ୍ର ଧୌତ କରିଅଛନ୍ତି, ସେମାନଙ୍କୁ ସେ ଜୀବନ ବୃକ୍ଷର ଅଧିକାରୀ ହେବା ନିମନ୍ତେ ଦ୍ୱାରରେ ପ୍ରବେଶ କରାଇବେ । (ପ୍ରକାଶିତ ୨୨:୧୪)

''ଆତ୍ମା ଓ କନ୍ୟା କହନ୍ତି, ଆସ । ପୁଣି ଯେ ଶୁଣେ, ସେ କହୁ ଆସ । ଯେ ତୃଷାର୍ତ୍ତ, ସେ ଆସୁ ଯେ ଇଚ୍ଛା କରେ, ସେ ବିନାମୂଲ୍ୟରେ ଜୀବନଦାୟକ ଜଳ ପାନ କରୁ ।'' (ପ୍ରକାଶିତ ୨୨:୧୭)

**- G.F. Raines**

# ଖ୍ରୀଷ୍ଟଙ୍କ ଅନୁଚରମାନଙ୍କ ନାମ

## (Names of the followers of Christ)

ପବିତ୍ର ବାଇବଲରେ ଲିଖିତ ବାକ୍ୟଗୁଡ଼ିକ ଈଶ୍ୱର ନିଃଶ୍ୱସିତ । (୧ମ କରିନ୍ଥୀ ୨:୧୩) ଆମ୍ଭମାନଙ୍କ ଜୀବନ ଓ ଆମ୍ଭମାନଙ୍କ ଶିକ୍ଷା ତାହାଙ୍କ ଅମୂଲ୍ୟ ବାକ୍ୟାନୁଯାୟୀ ଥିବା ଆବଶ୍ୟକ (୧ମ ତୀମଥି ୬:୩)

ପ୍ରେରିତ ପାଉଲ ତୀମଥିଙ୍କୁ କହନ୍ତି, ''ମୋ' ଠାରୁ ଯେଉଁ ସବୁ ହିତଜନକ ବାକ୍ୟ ଶୁଣିଅଛ, ଖ୍ରୀଷ୍ଟ ଯୀଶୁଙ୍କ ସମ୍ବନ୍ଧୀୟ ବିଶ୍ୱାସ ଓ ପ୍ରେମରେ ତାହା ଆଦର୍ଶ ରୂପେ ଧରି ରଖ ।'' (୨ ତୀମଥି ୧:୧୩) ''ହିତଜନକ ବାକ୍ୟ'' ଅର୍ଥାତ୍ ତାହା ଆମ୍ଭମାନଙ୍କ ଆତ୍ମା ନିମନ୍ତେ ହିତଦାୟକ । ''ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।'' (୧ମ କରିନ୍ଥୀ ୧:୧୦) ଶତ୍ରୁ ହସ୍ତରେ ସମର୍ପିତ ହେବା ପୂର୍ବେ ପ୍ରଭୁ ଯୀଶୁ, ''ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା, ତୁମ୍ଭେ ଯେ ପ୍ରକାରେ ମୋ' ଠାରେ ଅଛ ଓ ମୁଁ ତୁମ୍ଭ ଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ । ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।'' ବୋଲି ପ୍ରାର୍ଥନା କରିଥିଲେ । (ଯୋହନ ୧୭:୨୧)

ମନୁଷ୍ୟମାନେ ଆପଣା ନିମନ୍ତେ 'ନାମ' ବାଛିବା ଦ୍ୱାରା ଖ୍ରୀଷ୍ଟିୟ ସମାଜରେ ବିଭାଜନ ସୃଷ୍ଟି ହୋଇଅଛି । ପରମେଶ୍ୱରଙ୍କ ସନ୍ତୋଷଜନକ ଜୀବନଯାପନ ଓ ଐକ୍ୟତା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଦତ୍ତ ନାମ ଧାରଣ କରିବା ଉଚିତ ।

ତେବେ ବାକ୍ୟାନୁସାରେ ଖ୍ରୀଷ୍ଟଙ୍କ ଅନୁଚରମାନେ କେଉଁ ନାମରେ ପରିଚିତ ହେବା ଆବଶ୍ୟକ ? ଭାଇ, ଭଉଣୀ, ଶିଷ୍ୟ, ସଭ୍ୟ, ସାଧୁ ପ୍ରଭୃତି ପଦ ଖ୍ରୀଷ୍ଟଙ୍କ ଅନୁଚରମାନଙ୍କ ନିମନ୍ତେ ବାକ୍ୟରେ ବ୍ୟବହୃତ ହେଲେ ସୁଦ୍ଧା ''ଖ୍ରୀଷ୍ଟିୟାନ'' ନାମ ଈଶ୍ୱର ଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ପ୍ରଦାନ କରି ଅଛନ୍ତି । ''.........ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ ହେଲେ '' (ପ୍ରେରିତ ୧୧:୨୬) ''ସେଥିରେ ଆଗ୍ରିପପା ପାଉଲଙ୍କୁ କହିଲେ, ଅଳ୍ପ କଥାରେ ତ' ତୁମ୍ଭେ ଆମ୍ଭଙ୍କୁ ଖ୍ରୀଷ୍ଟିୟାନ କରି ପାର ବୋଲି ମନେ କରୁଅଛ ।'' (ପ୍ରେରିତ ୨୬:୨୮) ''କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ,ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।'' (୧ମ ପିତର ୪:୧୬)

ଯଦିଓ ନୂତନ ନିୟମ ଖ୍ରୀଷ୍ଟଙ୍କ ଅଙ୍ଗୁଳି ଦ୍ୱାରା ଲିଖିତ ନୁହେଁ, ତାହାଙ୍କ ପ୍ରେରିତ ପବିତ୍ର ଆତ୍ମାଙ୍କ ଚାଳନାରେ ପବିତ୍ର ବ୍ୟକ୍ତିମାନଙ୍କ ଦ୍ୱାରା ଲିଖିତ । (ଯୋହନ ୧୬:୧୨-୧୩, ୨ୟ ପିତର ୧:୩, ଯିହୂଦା ୩) ଖ୍ରୀଷ୍ଟଙ୍କ ଅନୁଚର ସମସ୍ତେ ତାହାଙ୍କ ଦତ୍ତ ନାମ ଧାରଣ କରିବା ଶ୍ରେୟସ୍କର ।

**- Royce Frederick**

# THE DIMMENSIONS OF GOD'S LOVE

Ephesians 3: 17-19

## INTRODUCTION :

1. Love is the most powerful thing in the world.
2. Love is greater than faith and hope ( 1 Corinthians 13).
3. It was because of love that God sent his own Son to the world (John 3:16).
4. Therefore God has commended his love toward us (Romans 5:8).

## DISCUSSION :

### I. Breadth of God's Love

1. Breadth means width, extent of, or the largeness of a thing.
2. God's love is so broad that it covers the whole world (John 3:16).
    a) He laid down his life for us (John 15:13).
    b) He shed his blood for us (Matthew 26:28).
3. God's love is great (Ephesians 2:4).
4. God is love (I John 4:8).
    a) He may be described by love.
    b) He acts by love.
    c) The only way to think of him is by love.

### II. Length of God's Love

1. It is from everlasting to everlasting (Jeremiah 31:3).
2. It reaches out to the ends of the earth (Mark 16:15,16).
3. It is long suffering (2 Peter 3:9).

### III. Depth of God's Love

1. It reaches down to the lowest of sinners (Romans 5:8).
2. Christ laid down his life for the sinner (John 10:17).
3. God's love will reach down into the grave to raise up the righteous unto everlasting life (John 5:28,29).

### IV. Height of God's Love

1. It is as high as heaven.
2. It reaches up to God.
3. The righteous shall dwell with God (Matthew 5:8).

**Conclusion :**

1. Love is poweful (2 Timothy 1:7).
2. The love of God for man does many things.
    a) Provides salvation for him.
    b) Give him hope.
3. Man's love for God leads to many things.
    a) Obedience (John 14:15).
    b) Love of neighbor (Matthew 22:39).
    c) Love of enemy (Matthew 5:44).
    d) Love leads to work (1 Thes 1:3).
    e) Love casts out fear (1 John 4:18).
    f) Love brings everlasting consolation (2 Thes 2:16).
4. Nothing can seperate us from the love of God (Romans 8:35).
5. The love of God passeth all understanding (Ephesians 3:19).

– J.C. CHOATE.


From:
SATYA VANI
P.O. BOX 80,
KAKINADA - 533 001


Printed Book Only

To

(FOR PRIVATE CIRCULATION ONLY)